# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ଏକ ବାଳିକା ଯେ ଦ୍ୱୀତୀୟଥର ବଞ୍ଚିଲା

ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଅନୁବାଦକ: Prasanta Bhuyan

ଉପଯୋଜକ: Ruth Klassen

କାହାଣୀ ୬୦ ରୁ ୪୯

www.M1914.org

***Bible for Children,*** *PO Box 3, Winnipeg, MB R3C 2G1 Canada*

ଅନୁମତି ସୂତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି;
ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଓଡ଼ିଆ

Oriya

ଯାଇରସ ନାମରେ ଏକ ଯୀହୁଦି ଧର୍ମଗୁରୁ ଥିଲେ, ଯେ ପରମେଶ୍ୱରଙ୍କୁ ସେବା ଓ ପରମେଶ୍ୱରଙ୍କ ବାକ୍ୟ ଅନ୍ୟମାନଙ୍କୁ ଶିଖାଉଥିଲେ । ଏକ ସମୟରେ, ଏକ ଭୟଙ୍କର ସମସ୍ୟା ଯାଇରସଙ୍କ ଜୀବନରେ ଆସିଲା । ତାଙ୍କର ଏକ କନ୍ୟା ଥିଲା, ତାଙ୍କୁ ମାତ୍ର ବାର ବର୍ଷ ହୋଇଥିଲା । ସେ ରୋଗରେ ପିଡ଼ିତା ଥିଲେ ।  ହୋଇପାରେ କେହିମଧ୍ୟ ତାଙ୍କୁ ସାହାଯ୍ୟ କରିପାରିଲେ ନାହିଁ । ସେ ଏକ ଅନ୍ୟପ୍ରକାର ରୋଗରେ ଶିକାର ହୋଇଥିଲେ । ଯାଇରସ ଜାଣିଥିଲେ ଯେ ସେ ମରୁଅଛି ।





ସେ ହିଁ କେବଳ ଏକ ଲୋକ ଯାଇରସଙ୍କ କନ୍ୟାକୁ ସାହାଯ୍ୟ କରିପାରିବେ । ଯାଇରସ ଯୀଶୁଙ୍କୁ ଖୋଜି ନିଜ ଘରକୁ ଆଣିବାକୁ ବାହାରିଗଲେ । ସେ ଜାଣିଥିଲେ ଯେ ତାଙ୍କର ସେହି ଧର୍ମୀୟ ବନ୍ଧୁମାନେ ଯୀଶୁଙ୍କ ଅନୁମୋଦନ କରିବେ ନାହିଁ । କିନ୍ତୁ ଯାଇରସ ତାହାକୁ ଖାତିରି କରିଲେ ନାହିଁ ।



ସେ ଯଥାଶୀଘ୍ର ନିଜ କନ୍ୟାର ମୃତୁ ପୂର୍ବରୁ ଯୀଶୁଙ୍କ ସାହାଯ୍ୟ ନେବା ଆବଶ୍ୟକ ।



ଯାଇରସ ଭେଟିବା ସମୟରେ ଅନେକ ଲୋକ ଯୀଶୁଙ୍କୁ ଘେରି ରହିଥିଲେ । ସେ ଯୀଶୁଙ୍କ ପାଦତଳେ ପ୍ରଣାମ କଲେ । ମୋହର ଛୋଟ ଝିଅ ମୃତୁର ଶଯ୍ୟାରେ ପିଡ଼ିତା, ସେହି ଦୁଃଖି ମନୁଷ୍ୟ ଯୀଶୁଙ୍କୁ ପ୍ରାର୍ଥନା କଲେ । ଆପଣ ଆସି ତାହା ଉପରେ ହସ୍ତ ଥୋଇବା ହେଉନ୍ତୁ ଯେପରି ସେ ସୁସ୍ଥତା ପାଏ ଏବଂ ସେ ବଞ୍ଚିବ ।

3



ଯୀଶୁ ଯାଇରସଙ୍କ ସହିତ ଗଲେ, ମାତ୍ର ଲୋକମାନଙ୍କ ଅତ୍ୟଧିକ ଭିଡ଼ ସକାଶୁଁ ସେମାନେ ଶିଘ୍ର ସେଠାରୁ ବାହାରିଯାଇ ପାରିଲେ ନାହିଁ । ଏକ ସ୍ତ୍ରୀ ଯେ ଲମ୍ବା ସମୟ ବାରବର୍ଷ ପର୍ଯ୍ୟନ୍ତ ବିମାର ଥିଲେ । ସେ ସମସ୍ତ ପ୍ରକାର ଡାକ୍ତର ମାନଙ୍କୁ ଦେଖା କରି ବହୁ ସଂପତ୍ତି ନଷ୍ଟ କଲେ । ତଥାପି ସେ ନିଜ ରୋଗରୁ ମୁକ୍ତ ହୋଇ ପାରିଲେ ନାହିଁ । ଓହ୍ ସେ କିପରି ଯୀଶୁଙ୍କୁ ଦାଖିବାକୁ ଚ଼ାହିଁଥିବେ ।

4



ଏବେ ସେ ସ୍ତ୍ରୀ କଅଣ କରିବେ? ଯଦି କେବଳ ତାହାର ଲୁଗାର ଝୁଂପା ଷ୍ପର୍ଶକଲେ ମୁଁ ସୁସ୍ଥତା ପାଇବି, ସେହି ସ୍ତ୍ରୀ ଚ଼ିନ୍ତା କଲେ । ସେ ଯୀଶୁଙ୍କ ଆଡ଼କୁ ନିଜ ପାଦ ବଢ଼ାଇଲା । ତାପରେ ନିଜ ହସ୍ତ ବଢ଼ାଇ ତାଙ୍କର ଲୁଗା ଛୁଇଁଲା ।

5



ଏକ ଆଷ୍ଚର୍ଯ୍ୟକର୍ମ, ଏହା ଏକ ଆଷ୍ଚର୍ଯ୍ୟକର୍ମ, ସେହି ସ୍ତ୍ରୀ ସୁସ୍ଥତା ପଇଲା । ସଂଙ୍ଗେ ସଂଙ୍ଗେ, ସଂପୁର୍ଣ୍ଣ ଭାବରେ, ସେ ଜାଣିପାରିଲା ଯେ ସେ ସୁସ୍ଥତା ପାଇସାରିଅଛି, ସବଳ ଅଟେ । ସେତେବେଳେ ଏକ ଶବ୍ଦ ଶୁଣାଗଲା । କିଏ ମୋତେ ଷ୍ପର୍ଶ କଲା, ଯୀଶୁ ସେମାନଙ୍କୁ ପଚ଼ାରିଲେ, ଲୋକମାନଙ୍କ ମଧ୍ୟରୁ କେହି ତାଙ୍କୁ ଷ୍ପର୍ଶ କରିଥିଲେ । ମାତ୍ର ଗହଳି ମଧ୍ୟରୁ ଏକ ସ୍ତ୍ରୀ ସେ ଜାଣିଥିଲା ଯେ ଯୀଶୁ ସେହି ବିଷୟରେ ତାଙ୍କ ମୁହଁରୁ ଶୁଣିବାକୁ ଚ଼ାହୁଁଛନ୍ତି । ଭୟରେ ଥରି ଥରି, ସେହି ସ୍ତ୍ରୀ ଯୀଶୁଙ୍କୁ ସମସ୍ତ ବିଷୟ ଜଣାଇଲେ ।

6

ସେହି ସମୟରେ, ଯାଇରସଙ୍କ ପରିବାରରୁ ଏକ ସେବକ ଆସିଲା । ସେମାନେ କହିବା ଆଗରୁ ସେ ବୋଧେହୁଏ ଦୁଃଖର ସମ୍ବାଦ ଜଣାଇଲେ । ତୁମ୍ଭର କନ୍ୟାର ମୃତ୍ୟୁ ହୋଇଯାଇଅଛି, ସେମାନେ ଯାଇରସଙ୍କୁ କହିଲେ । ମୃତ! ବହୁତ ଡେରି ହୋଇ ଯାଇଥିଲା । ଯଦି ସେହି ସ୍ତ୍ରୀ ଯୀଶୁଙ୍କୁ ବିଳମ୍ବ କରିନଥାନ୍ତେ...ହୋଇପାରେ.. ଯଦି...ମୃତ, ଯାଇରସଙ୍କର ଅତି ଆଦରର କନ୍ୟା ଚ଼ାଲିଯାଇଥିଲା ।



7

ଯେତେବେଳେ ଯୀଶୁ ସେହି ବିଷୟରେ ଶୁଣିଲେ, ସେ କହିଲେ । ଭୟ କରନାହିଁ, କେବଳ ବିଶ୍ୱାସ କର, ସେ ପୁନଷ୍ଚ ବଞ୍ଚିବ । ଏହା ନିଷ୍ଚିତ ଭାବରେ ଯାଇରସଙ୍କୁ ଯୀଶୁଙ୍କୁ ସତରେ ବିଶ୍ୱାସ କରିବାକୁ କଷ୍ଟ ଲାଗିଥାଇପାରେ । କାରଣ ତାଙ୍କର କନ୍ୟାର ମୃତ ହୋଇଥିଲା ।



8

ଗୃହ ଭିତରେ, କନ୍ୟାଟି ନିମନ୍ତେ ସମସ୍ତେ କୋଳାହଳ ଓ ରୋଦନ କରୁଥିଲେ । ସେ ମରିନାହିଁ ବରଂ ଶୋଇଅଛି, ଯୀଶୁ ସେମାନଙ୍କୁ କହିଲେ । ସେମାନେ ଯୀଶୁଙ୍କୁ ପରିହାସ କଲେ । କାରଣ ସେମାନେ ଜାଣିଥିଲେ କନ୍ୟାଟି ମରିଯାଇଅଛି ।



9

ଯୀଶୁ ସେ ସମସ୍ତଙ୍କୁ ବାହାର କରିଦେଲେ, ଏବଂ ଯୀଶୁ ସେହି କନ୍ୟାର ହସ୍ତକୁ ଧରି କହିଲେ, ଆଗୋ ବାଳିକା ଉଠ୍ । ଯାଇରସ ସେଠାରେ ଥିଲେ । ତାଙ୍କର ସ୍ତ୍ରୀ ସେଠାରେ ଥିଲେ । ତିନଜଣ ଯୀଶୁଙ୍କର ଶିଷ୍ୟ ମଧ୍ୟ ସେଠାରେ ଥିଲେ । ସେମାନେ ସମସ୍ତେ ଯୀଶୁଙ୍କ କହିବାର ଶୁଣିଲେ । ସେହି ମୃତ କନ୍ୟା ମଧ୍ୟ ତାହା ଶୁଣିପାରିଲା କି?



10

ସେହି ମୃତ କନ୍ୟା ଯୀଶୁଙ୍କ ଆଜ୍ଞା ଶୁଣିଲେ, ତାହାର ଆତ୍ମା ଫେରି ଆସିଲା, ଏବଂ ସେ ସେହିକ୍ଷଣି ଉଠିଲା । ଯୀଶୁ ତହାଙ୍କୁ ମୃତୁରୁ ଉଠାଇଲେ ।



11

ସେହି କନ୍ୟାର ପିତାମାତା ଆଚ଼ମ୍ବିତ ହୋଇଗଲେ । କିଛି ଖାଇବାକୁ ଦେବାକୁ ଯୀଶୁ ସେମାନଙ୍କୁ ଆଜ୍ଞା କଲେ । ସେମାନେ କେତେ ଖୁସି ଅନୁଭବ କରିଥିବେ ଓ ଯୀଶୁଙ୍କୁ ଧନ୍ୟବାଦ କରିଥିବେ । ତାଙ୍କର ଅଦ୍ଭୁତ ପ୍ରେମ ଓ ଶକ୍ତି ସେମାନଙ୍କର କନ୍ୟାଙ୍କୁ ମୃତୁରୁ ଫେରାଇ ଆଣିଲା ।



12

ଏକ ବାଳିକା ଯେ ଦ୍ୱୀତୀୟଥର ବଞ୍ଚିଲା

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ମାର୍କ ୫, ଲୂକ ୮

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

**ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।**

**ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।**

**ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚ଼ାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚ଼ିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)**

**ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।**